# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
# ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
# କମିଟି ବୈଠକ ବିବରଣୀ

ତା ୨୨.୧୨.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୨୨.୧୨.୨୦୨୨ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ୯(ନଅ) ଗୋଟି ମେସିନ୍ ଦ୍ୱାରା ବିଭିନ୍ନ ୱାର୍ଡ଼ରେ ମଶାଧୂଆଁ ଦିଆଯାଉଅଛି । ସବୁ ୱାର୍ଡ଼ ମଶାଧୂଆଁ ଦିଆଯିବା ପରେ, ପାଖାପାଖି ନଅ ଗୋଟି ୱାର୍ଡ଼ରେ ଉକ୍ତ ନଅ ଗୋଟି ମେସିନ୍ ଦ୍ୱାରା, ଏକ ସମୟରେ ହକି ବିଶ୍ୱକପ୍ ସରିବା ପର୍ଯ୍ୟନ୍ତ ମଶାଧୂଆଁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶା ମାନଙ୍କର ସାନ୍ଦ୍ରତା (Density) ବୃଦ୍ଧି ପାଇଲାଣି । ଡ୍ରେନ୍‌ରେ ମଶା ତେଲ ପକାଇଲେ ମଧ ମଶା ମାନଙ୍କର ସାନ୍ଦ୍ରତା କମୁନାହିଁ, CDMO ଙ୍କ ଦ୍ୱାରା ଯୋଗାଣ ହୋଇଥିବା ମଶା ତେଲ (ଏମ୍ ଏଲ୍ ଓ)ପର୍ଯ୍ୟାପ୍ତ ହେଉନାହିଁ । ଆଗକୁ ହକି ବିଶ୍ୱକପ୍ ଆସୁଅଛି, ତେଣୁ ମଶା ଉପଦ୍ରବକୁ କମ୍ କରିବା ପାଇଁ ଭଲ କ୍ୱାଲିଟିର ପର୍ଯ୍ୟାପ୍ତ ପରିମାଣର ମଶାତେଲ (ଏମ୍ ଏଲ୍ ଓ) କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶାବଂଶ ବୃଦ୍ଧି ପାଇଅଛି । ମଶା ବଂଶ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ମଧ ମଶା କମୁନାହାଁନ୍ତି, ତେଣୁ ମଶାଧୂଆଁ ବ୍ୟବସ୍ଥାକୁ ବଢାଇବା ପାଇଁ ପ୍ରତ୍ୟେକ ଦୁଇ ଗୋଟି ୱାର୍ଡ଼ ନିମନ୍ତେ ଗୋଟିଏ ମଶାଧୂଆଁ ମେସିନ୍ ୱାର୍ଡ଼ ଅଫିସ୍‌ରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ସଫେଇ ଠିକାଦାରମାନେ ପ୍ରତି ମାସରେ ମାତ୍ର ଚାରି ଦିନ ଡ୍ରେନ୍ ଡ଼ିସିଲିଟିଙ୍ଗ୍ କରୁଥିବାରୁ ୱାର୍ଡ଼ର ସବୁ ଡ୍ରେନ୍ ଭଲଭାବେ ସଫେଇ ହୋଇପାରୁନାହିଁ, ତେଣୁ ପ୍ରତ୍ୟେକ ମାସରେ ଡ୍ରେନ୍‌ର ଡ଼ିସିଲିଟିଙ୍ଗ୍ କାର୍ଯ୍ୟ ଅତି କମ୍‌ରେ ୧୦ ଦିନ କରି ୱାର୍ଡ଼ର ସମସ୍ତ ଡ୍ରେନ୍‌କୁ ସଫା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଏମ୍ ସି ସି/ ଏମ୍ ଆର୍ ଏଫ୍ ରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ହ୍ୟାଣ୍ଡ୍‌ୱାସ୍, ହ୍ୟାଣ୍ଡ୍ ଗ୍ଲୋବସ୍ ଓ ମାକ୍ସ ଯୋଗାଇଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶାବଂଶ ବୃଦ୍ଧି ପାଇଅଛି । ନାଳରେ ମଶା ତେଲ ପକାଇବା ପାଇଁ କର୍ମଚାରୀ ଅଭାବରୁ ଠିକ୍ ଭାବରେ ମଶା ତେଲ ପକାଯାଇପାରୁନାହିଁ, ତେଣୁ ନିଗମ ପରିଚାଳିତ ୱାର୍ଡ଼ରୁ ବାହାରିଥିବା ସଫେଇ କର୍ମଚାରୀ ମାନଙ୍କ ମଧ୍ୟରୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ମଶାତେଲ ପକାଇବା କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଦୁଆରରୁ ଦୁଆର ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ନିମନ୍ତେ ବ୍ୟବହୃତ ହେଉଥିବା ଗାଡ଼ି ଗୁଡ଼ିକ ଖରାପ ହେଲେ ଆଉ ଅଧିକ ଗାଡ଼ି ନଥିବାରୁ ସମ୍ପୃକ୍ତ ଅଂଚଳରୁ ଅଳିଆ ସଂଗ୍ରହ ହୋଇପାରୁନାହିଁ, ତେଣୁ ୫ ଗୋଟି LCV ଗାଡ଼ି ସଂରକ୍ଷିତ (Reserve) ରଖିବା ଏବଂ ଯେଉଁ ଅଂଚଳରେ ଗାଡ଼ି ଖରାପ ହେଉଅଛି ସେଠାକୁ ତୁରନ୍ତ ସଂରକ୍ଷିତ ଗାଡ଼ିରୁ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ୧୧ ଗୋଟି ହୋମିଓ ଡ଼ାକ୍ତରଖାନା ଅଛି, କିନ୍ତୁ ନିଗମରେ ମାତ୍ର ଦୁଇ ଜଣ ହୋମିଓ ଡ଼ାକ୍ତର ଅଛନ୍ତି, ୬ ଗୋଟି Sanctioned Post ରହିଛି, ତେଣୁ ଆଉ ଚାରି ଜଣ ହୋମିଓ ଡ଼ାକ୍ତର ବି ଏମ୍ ସି ରେ ନିଯୁକ୍ତି କରିବା ପାଇଁ Director, Ayush ଙ୍କୁ ଅନୁରୋଧ କରାଯାଉ, Director, Ayush ହୋମିଓ ଡ଼ାକ୍ତର ନିଯୁକ୍ତି କରିବା ପର୍ଯ୍ୟନ୍ତ ଡ଼ାକ୍ତରଖାନା ପରିଚାଳନା କରିବା ପାଇଁ ଅବସରପ୍ରାପ୍ତ ଡ଼ାକ୍ତରଙ୍କୁ ସରକାରୀ ନିୟମାନୁଯାୟୀ ନିଯୁକ୍ତି କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମରେ କେଉଁ ୱାର୍ଡ଼ରେ କେତେ ଆଶାକର୍ମୀ ଓ ANM କାର୍ଯ୍ୟ କରୁଛନ୍ତି ସେ ବିଷୟରେ ଏକ ସ୍ୱତନ୍ତ୍ର ବୈଠକ କରିବା ପାଇଁ ADUPHO ଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ଭୁବନେଶ୍ୱର ମହାନଗର ନିଗମାଂଚଳରେ ହେଉଥିବା ଯାତ୍ରା, ସାମାଜିକ କାର୍ଯ୍ୟକ୍ରମରେ ଜନଗହଳି ହେଉଥିବାରୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତିନି ଗୋଟି Mobile Toilets fabricated on heavy commercial ଗାଡ଼ି କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୧). ଭୁବନେଶ୍ୱର ମହାନଗର ନିଗମାଂଚଳ ବସ୍ତି ଏରିଆରୁ ଦୁଆରରୁ ଦୁଆର ଅଳିଆ ସଂଗ୍ରହ କରିବା ପାଇଁ ୨୦୦ ଗୋଟି Push Carts କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୨). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ୧୨୦ ଗୋଟି ହାଲକା ଗାଡ଼ି ଇ-ଟେଣ୍ଡର ମାଧ୍ୟମରେ କ୍ରୟ କରାଯାଇଅଛି । କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଉ ୮୦ ଗୋଟି LCV ଗାଡ଼ି ଇ-ଟେଣ୍ଡର ମାଧ୍ୟମରେ କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଅଦରକାରୀ ଏବଂ ଭଙ୍ଗା ପଡ଼ିଥିବା ବିନ୍ ଗୁଡ଼ିକୁ ଅପସାରଣ କରାଯାଇ ଆଉ ୨୦୦ ଗୋଟି ଲିଟର୍ ବିନ୍ (Litter Bin) ପାଇଁ ଭୁବନେଶ୍ୱର ମହାନଗର ନିଗମରୁ କୌଣସି ଅର୍ଥ ଖର୍ଚ୍ଚ କରାନଯାଇ କୌଣସି ସଂସ୍ଥା ମାଧ୍ୟମରେ ଆବଶ୍ୟକ ହେଉଥିବା ସ୍ଥାନରେ ଲିଟର୍ ବିନ୍ ପକାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୪). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ପ୍ଲାଷ୍ଟିକ୍ ଅଳିଆକୁ ପରିଚାଳନା କରିବା ପାଇଁ Plastic Waste Management Bye-laws-2022, ଉପ ଆୟୁକ୍ତ, ସ୍ୱାସ୍ଥ୍ୟ ଓ ପରିମଳ, ଆଜିର ବୈଠକ ଉପସ୍ଥାପନା କରିଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ଉକ୍ତ Bye-laws କୁ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୨.୧୨.୨୦୨୨ ରିଖ